# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 51 Years



୨ ଶିଶୁ ପ୍ରତିଭା

୬ କହିଲ ଦେଖି

୭ ଜଣା ଅଜଣା

୩ ପେଟ୍ ରଖୁଥିଲେ

# ଖିଲି ଖିଲି ହସ

(ପିଣ୍ଟୁ ଓ ମଣ୍ଟୁ ମଧରେ କଥାବାର୍ତ୍ତା)। ପପୁ- କହିଲୁ ପିଣ୍ଟୁ ଜେଲ୍‌କୁ ହିନ୍ଦୀରେ କାହିଁକି ହାବାଲାତ୍ କୁହାଯାଏ।
ପିଣ୍ଟୁ: ବହୁତ ସହଜ, କାରଣ ସେଠି କେବଳ ହାବା ଏବଂ ଲାତ୍ ମିଳିଥାଏ।

ଅକ୍ଷୁ ତା ସାଙ୍ଗ ବିକ୍ସୁକୁ କହିଲା–ଆରେ ସାଙ୍ଗ ତମ କୁକୁର ମୋ ବହି ଫାଡି ଦେଇଛି।
ବିକ୍ସୁ : ତୁ ଟିକେ ରହ ଅକ୍ଷୁ ମୁଁ ତାକୁ ଦଣ୍ଡ ଦେବି।
ଅକ୍ଷୁ: ତୁ ଦେନା ଦଣ୍ଡ ତାକୁ। ତା' ଭାଗର ଦଣ୍ଡ ମୁଁ ଦେଇ ଦେଇଛି ।
ବିକ୍ସୁ: କେମିତି ?
ଅକ୍ଷୁ: ମୁଁ ତା' ଗିନାରେ ଥୁଆ ହୋଇଥିବ ସବୁ କ୍ଷୀର ପିଇ ଦେଇଛି।

ଶିକ୍ଷକ–ମୁଁ କାଲି କୁକୁର ଉପରେ ରଚନା ଲେଖିବାକୁ ଦେଇଥିଲି, ହେଲେ ତୁମେ କାହିଁ ଲେଖିନ ?
ଛାତ୍ର: ସାର୍, ମୁଁ କାଲି ଯେମିତି ପେନ୍ ଧରି ରଚନା ଲେଖିବି ବୋଲି ବସିଲି, ସେ ଦୌଡ଼ି ପଳେଇଲା।

# ଶୀତକୁ କିଆଁ ଡର

ଗପ



ଗାଲା କିଛି ଦିନ ହେବ ଭୀଷଣ ଥଣ୍ଡା ପଡ଼ୁଛି। ପୁନମ୍ ସକାଳୁ ଉଠିବାକୁ ଆଦୌ ମଙ୍ଗୁ ନାହିଁ। ସକାଳ ୭ଟାରେ ତାର ଟ୍ୟୁଶନ ହେଲେ ସବୁଦିନ ସେ ଡେରିରେ ପହଞ୍ଚୁଛି। ଟ୍ୟୁଶନ ସାର୍ ସବୁଦିନେ ଘରକୁ ଫୋନ୍ କରି ଅଭିଯୋଗ କରୁଛନ୍ତି। ଟ୍ୟୁଶନରୁ ଫେରିଲେ ପୁଣି ୧୦ଟାରୁ ୪ଟା ତା'ର ସ୍କୁଲ ସମୟ। ସମୟ ଅନୁସାରେ ସବୁ କାମ କରିବାକୁ ଜେଜେ ବାପା ସବୁବେଳେ ବୁଝଉଛନ୍ତି ହେଲେ ତାର କୋଉ ବା ମନେ ରହୁଛି। ଆଜି ପୁଣି ସେଇ ସମାନ କଥା, ଆସିକି ୭ଟା ପରେ ହେଲାଣି ହେଲେ ପୁନମ୍ ଏ ପର୍ଯ୍ୟନ୍ତ ଶୋଇ ରହିଚି। ବାପା ଚାରି ପାଞ୍ଚଥର ଡ଼ାକି ସାରିଲେଣି। ଶେଷରେ ରାଗିକି କହିଲେ ତୁ ଯଦି ନଉଠିବୁ ତୋ ଟ୍ୟୁଶନ ବନ୍ଦ କରିଦେବି।

ନିଦ ମଳମଳ ଆଖିରେ ପୁନମ୍ ଉଠିବସିଲା। ପାଖରୁ ଖଣ୍ଡେ ଚାଦର ଘୋଡ଼ି ହୋଇ ଚଟାପଟ୍ ଦାନ୍ତ ଘଷିବାକୁ ଧାଇଁଲା। ସେଦିନ ସନ୍ଧ୍ୟାରେ ବାପା ତାକୁ ବୁଝେଇଲେ ଆରେ ମା ତୁ ତ ଖରାଦିନେ ଚଟାପଟ୍ ଉଠି ଯାଉଥିଲୁ ଏ ଦିନେ କାହିଁକି ଏମିତି ହଇରାଣ କରୁଛୁ। ପୁନମ ସଙ୍ଗେ ସଙ୍ଗେ କହିଲା ବାପା ଥଣ୍ଡା ପାଇଁ ମୋ ନିଦ ଭାଙ୍ଗୁନାହିଁ, ମୁଁ କଣ କରିବି ଯେ। ବାପା କହିଲେ ଆରେ ଦାୟିତ୍ୱ ମୁଣ୍ଡରେ ରଖି ଆପେ ଆପେ ନିଦ ଭାଙ୍ଗିଯିବ। ଜୀବନ ପରା ଦାୟିତ୍ୱ ଓ କର୍ତ୍ତବ୍ୟ ଶିକ୍ସିରେ ବନ୍ଧା। ଅଭ୍ୟାସ ରଖିଲେ ସିନା ତତ୍ପର ରହିବା ଆଉ ହାତରେ ସମୟ ଥାଉଥାଉ ସବୁ କାମ ସାରିପାରିବା। ସକାଳୁ ମଠେଇଲେ ଦିନ ଯାକର କାମ ଧିମା ହେଇଯିବ। ଏଥର ବେଳାବେଳି ଉଠିପଡିବ ପୁନମ୍ କହିଲା।

ରବିବାର ସକାଳୁ ସକାଳୁ ପୁନମ ବେଳା ବେଳି ଉଠି ପଡିଥାଏ। ବାପା ବଗିଚାରେ କାମରେ ଲାଗିଥିଲେ। ପୁନମ୍ ଯାଇ ବାରିପଟରେ ହାଜର। ବାପା ତାକୁ କହିଲେ ଆରେ ଆଜିତ ସେଇଭଳି ଥଣ୍ଡା ପଡ଼ିଛି ତୁ ପୁଣି ବେଳାବେଳି କେମିତି ଉଠିଲୁ। ଏଇ ସମୟରେ ପିଜୁଳି ଗଛର ଡାଳରେ ଚଢ଼େଇ ମାନଙ୍କର କିଚିରି ମିଚିରି ଶବ୍ଦ ଶୁଭିଲା। ବାପା କହିଲେ ଦେଖ ଏଇ କୁନିକୁନି ଚଢ଼େଇ ମାନଙ୍କୁ। ନା ସେମାନଙ୍କର ମୁଣ୍ଡ ଗୁଞ୍ଜିବାକୁ ଘର ଅଛି ନା ଅଛି ସେମାନଙ୍କର ଶୀତ ବସ୍ତ୍ର। କାହିଁକୋଉ ପହରରୁ ଉଠିପଡ଼ି ଲାଗି ପଡ଼ିଛନ୍ତି ଖାଦ୍ୟ ସନ୍ଧାନରେ। ଦେଖିବାକୁ ସିନା କୁନି ହେଲେ ଖରା, ଶୀତ କି କାକରକୁ ନ ଥାଏ ତାଙ୍କର ଡର। ବାପା କହିଲେ ଆଗକୁ ତୋର ବଡ଼ କ୍ଲାସ୍ ହେବ ତତେ ଆହୁରି କଷ୍ଟ କରିବାକୁ ହେବ। ଆମେ ଜୀବନରେ ଯଦି କଷ୍ଟ ନ କରିବା କେମିତି ସଫଳ ହେବା କହିଲୁ। ପୁନମ ନିଜ ଭୁଲ ବୁଝିଲା ଆଉ କହିଲା ଏଥର ମୁଁ ଅଳସୁଆମୀ କରିବି ନାହିଁ। ସକାଳୁ ଶୀଘ୍ର ଉଠିବି। ହସ ହସ ମୁହଁରେ ବାପା କହିଲେ ଚାଲ୍ ଏବେ ବାରି କାମ ସରିଲାଣି ବଜାର ଯାଇ କଣ ଚିକେ ପରିବା ନେଇ ଆସିବା। ବାପାଙ୍କ ହାତ ଧରି ପୁନମ୍ ବାହାରିଲା ବଜାର।

– ଦେବେନ୍ଦ୍ର କର
ମଙ୍ଗଳାବାଗ, କଟକ
ମୋ: ୯୯୩୭୬୭୩୯୧୦

ଫିଲ୍ମଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ବଣ୍ଡାଘାଟିର ବଣମଲ୍ଲୀ

ଶିଶୁ ପ୍ରତିଭା

## ମହେଶ



ଦୃଢ଼ ସଙ୍କଳ୍ପ ଓ ନିଷ୍ଠା ଥିଲେ ସବୁ ପ୍ରତିକୂଳ ପରିସ୍ଥିତି ହାର୍ ମାନେ। ଏହାକୁ ପ୍ରମାଣ କରିଛନ୍ତି ବଣ୍ଡାଘାଟିର ମହେଶ ହନ୍ତାଳ। ଜଣେ ମେଧାବୀ ଛାତ୍ର ସାଙ୍ଗକୁ ଜୁଡୋ ଖେଳରେ ଏବେ ସେ ଜଣେ ସ୍ୱତନ୍ତ୍ର ପ୍ରତିଭା ପାଲଟିଛନ୍ତି।

ମହେଶଙ୍କ ବୟସ ମାତ୍ର ୧୩ ବର୍ଷ। ଅଷ୍ଟମ ଶ୍ରେଣୀର ଛାତ୍ର। ଘର ମାଲକାନଗିରି ଖଇରପୁଟ ବ୍ଲକ ବଣ୍ଡାଘାଟି ମୁଦୁଲିପଡା ପଞ୍ଚାୟତ ଅନ୍ତର୍ଗତ ବଡପଡା ଗାଁରେ। ବଣ୍ଡା ଜନଜାତିର ଏକ ଆଦିବାସୀ ପରିବାରରେ ମହେଶଙ୍କ ଜନ୍ମ। ଛୋଟବେଳରୁ ମା'ବାପା (ସମାରି, ଲକିନାଥ ହନ୍ତାଳ) ଉଭୟଙ୍କୁ ହରାଇଛନ୍ତି ସେ। ଅଭାବ ଅନଟନରେ ବଡ ହୋଇଛନ୍ତି ସତ ହେଲେ ଏସବୁ ଭିତରେ ସେ ସ୍ୱପ୍ନ ଦେଖିବା ବନ୍ଦ କରିନାହାନ୍ତି କି ନିଜ ଲକ୍ଷ୍ୟପଥରୁ ଓହରି ନାହାନ୍ତି। ତାଙ୍କର ସବୁ ସ୍ୱପ୍ନକୁ ତେଣା ଦେଇ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ଅରୋମା ଗୁରୁକୁଳ। ଏଇଠି ପାଠପଢା ସହିତ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ଆଉ ଜୁଡୋ ଖେଳରେ ତାଙ୍କର ଦକ୍ଷତା ଦିନ କେଇଟାରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ତୁଳସୀ ଦୁଇ ପତ୍ରରୁ ବାସିବା ପରି ତାଙ୍କର ପ୍ରତିଭାକୁ ଏବେ ମିଳିପାରିଛି ରାଜ୍ୟସ୍ତରୀୟ ସ୍ୱୀକୃତି।

ରାଜ୍ୟସ୍ତରୀୟ ସବ୍‌ଜୁନିଅର ଜୁଡୋ ଚମ୍ପିଆନସିପ୍ ୨୦୨୫ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରି ବିଦ୍ୟାଳୟ ତଥା ଜିଲ୍ଲାର ନାମ ଉଜ୍ଜ୍ୱଳ କରିଛନ୍ତି। ଏବେ ସେ ଜାତୀୟ ସ୍ତରର ଖେଳରେ ମଧ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ନିକଟରେ ସେ ନ୍ୟାଶନାଲ୍ ସବ୍‌ଜୁନିଅର ଜୁଡୋ ଚମ୍ପିଆନସିପ୍ ୨୦୨୫ରେ ଭାଗ ନେବା ପାଇଁ ହାଇଦ୍ରାବାଦ ଯାଇଛନ୍ତି। ଏତେ କମ୍ ବୟସରୁ ତାଙ୍କର ଏଭଳି ସଫଳତା ତାଙ୍କୁ ଆଗାମୀ ଦିନରେ ଭିନ୍ନ ପରିଚୟ ଦେଇପାରିବ ଏଥିରେ ସନ୍ଦେହ ନାହିଁ। କଠିନ ପରିଶ୍ରମ, ସଂଘର୍ଷ ଓ ନିଷ୍ଠା ବଳରେ ଯେ ସବୁ ସଫଳତା ହାସଲ କରିହେବ ଏହାର ଏକ ଉଦାହରଣ ହେଉଛନ୍ତି ଆଦିବାସୀ ପରିବାରର ମହେଶ।

– ଦୁର୍ଯ୍ୟୋଧନ ପାତ୍ର

ତୁମ ପାଇଁ ପଢ଼ିବା

# ଆସ ବୁଲିଯିବା ମାମୁ ରାଇଜ




ଗଳ୍ପ ସଂକଳନ 'ଆସ ବୁଲିଯିବା ମାମୁ ରାଇଜ'ରେ ରହିଛି ମୁନାର ଶପଥ, ନିମକଡ଼ି, ମହତଗୁଣ, ମାଣ୍ଡିଆର କରାମତି, ସେବାର ମୂଲ୍ୟ, ସୂର୍ଯ୍ୟ ଚାଲିଯିବେ ମାଆ କୋଳକୁ ଏବଂ ପରିଶ୍ରମର ଫଳ ମିଠା ପରି ରହିଛି କେତୋଟି ଶିକ୍ଷଣୀୟ ଗଳ୍ପ। କବିତା ମିଶ୍ରଙ୍କ ରଚିତ ଏହି ସଂକଳନର ମୂଲ୍ୟ ରହିଛି ୮୦ଟଙ୍କା। **ଯୋଗାଯୋଗ–** କୋଠଘର ଆମ ସାହିତ୍ୟ ପରିବାର, ଆଇ.ଆର.ସି.ଭିଲେଜ, ନୟାପଲ୍ଲୀ,ଭୁବନେଶ୍ୱର।

# ମତାମତ

➲ ଗତ ଥର ଗପ ସ୍ତମ୍ଭରେ ପ୍ରକାଶିତ 'ପରୋପକାର' ପଢ଼ି ସେ ବିଷୟରେ କିଛି କଥା ଶିଖିବାକୁ ମିଳିଲା।
**–ଅନନ୍ୟା ରାଉତ, ବଲାଙ୍ଗୀର**

➲ 'ଲକ୍ଷ୍ୟ'ର ଉପସ୍ଥାପନା ସୁନ୍ଦର ହୋଇଛି।
**–ବିବେକ କୁମାର ସାହୁ, ପୁରୀ**

➲ ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ଶିକ୍ଷଣୀୟ ହୋଇଥିଲା।
**–ତନ୍ମୟ ଦାସ, ଓଡଗାଁ, ନୟାଗଡ଼**

➲ 'ଆଇନା' ସ୍ତମ୍ଭରେ ପ୍ରକାଶିତ ଫଟୋଦ୍ୱୟ ସୁନ୍ଦର ହୋଇଥିଲା।
**–ସୁନୟନା ନାୟକ, ରାଉରକେଲା**

# ପେଟ୍ ରଖୁଥିଲେ...







**ଘରେ ପୋଷା ଜୀବଟିଏ ରଖିବା ଓ ତା' ସହ ଖେଳିବାକୁ ଭଲଲାଗେ ପିଲାଙ୍କୁ। ସେଥିପାଇଁ ଅନେକେ ସୌକରେ ଘରକୁ ପେଟ୍ ଆଣିବାକୁ ବି ଜିଦ୍ କରନ୍ତି। ହେଲେ ନିଜ ଖୁସି ପାଇଁ ଘରକୁ ପେଟ୍ ଆଣୁଥିଲେ ସେମାନଙ୍କ ଯତ୍ନ ନେବାରେ ଅଭିଭାବକଙ୍କୁ ସହଯୋଗର ହାତ ବଢାଇବା ବି ଆବଶ୍ୟକ...**

ଘରେ ପୋଷା କୁକୁର, ବିଲେଇ, ଶୁଆ ଆଦି ବିଭିନ୍ନ ଜୀବଜନ୍ତୁ ରଖିବାକୁ ପ୍ରାୟ ସମସ୍ତଙ୍କୁ ଭଲ ଲାଗେ। ପିଲାମାନଙ୍କ ପାଇଁ ଏମାନଙ୍କ ଆକର୍ଷଣ ବହୁତ ଅଧିକ। ସେଥିପାଇଁ ଅନେକେ ସୌକରେ କୁକୁର, ବିଲେଇ କିମ୍ବା ବିଭିନ୍ନ ପ୍ରକାରର ଚଢ଼େଇ ରଖିଥା'ନ୍ତି। ଏବେ ତ ଘରେ ବିଭିନ୍ନ ପ୍ରକାରର ରଙ୍ଗିନ୍ ମାଛ, ରଙ୍ଗିନ୍ ଚଢ଼େଇ, କଇଁଛ ଆଦି ପାଳନ କରାଯାଉଛି। ଏସବୁ ଦେଖି ସମସ୍ତେ ଖୁସି ତ ହୁଅନ୍ତି, ତା' ସହିତ ଘରର ସୌନ୍ଦର୍ଯ୍ୟ ବି ବଢ଼ିଥାଏ। ପିଲାମାନେ ଏମାନଙ୍କ ସହିତ ହସିଖେଳି ସମୟ କଟାଇ ଦିଅନ୍ତି। ବେଳେବେଳେ ପିଲାମାନେ ଏଭଳି ପଶୁପକ୍ଷୀଙ୍କୁ ଘରେ ପାଳିବା ପାଇଁ ଜିଦ୍ ବି କରନ୍ତି। ହେଲେ ପୋଷା ଜୀବଟିଏ ଘରେ ରଖିଲେ ସେମାନଙ୍କର ଅନେକ ଦାୟିତ୍ୱ ବି ନେବାକୁ ହୋଇଥାଏ। ତେଣୁ ଘରକୁ ଯଦି କୌଣସି ପେଟ୍ ଆଣିବାକୁ ଚାହୁଁଛନ୍ତି, ତା'ହେଲେ କିପରି ଅଭିଭାବକ ସେମାନଙ୍କ ଯତ୍ନ ନେଉଛନ୍ତି ଦେଖନ୍ତୁ ଏବଂ ନିଜେ ମଧ୍ୟ ଏଥିରେ ସେମାନଙ୍କ ସହଯୋଗର ହାତ ବଢାନ୍ତୁ...

## ରୁଟିନ୍ ରଖନ୍ତୁ

ଘରେ କୌଣସି ପଶୁପକ୍ଷୀ ରଖୁଥିଲେ ଅଭିଭାବକମାନେ କିପରି ସେମାନଙ୍କର ରୁଟିନ୍ ଭିତରେ ସବୁ କାମ କରୁଛନ୍ତି ଶିଖନ୍ତୁ । ଛାତ୍ରୀଛାତ୍ରମାନେ ନିଜ କାମକୁ ନିର୍ଦ୍ଦିଷ୍ଟ ସମୟରେ କରିବା ସହିତ ନିଜ ପେଟ୍‌ର କାମ ବି ମଝିରେ ମଝିରେ କରନ୍ତୁ। ଯେହେତୁ ସେମାନେ କଥାବାର୍ତ୍ତା କରିପାରନ୍ତି ନାହିଁ, ସେଥିପାଇଁ ସେମାନଙ୍କ ଖିଆପିଆ ଓ ଅନ୍ୟାନ୍ୟ ସବୁ କାମ ଠିକ୍ ସମୟରେ କରାଇବା ଦରକାର। ଏହା ବ୍ୟତୀତ କେଉଁ ଜୀବଙ୍କୁ କ'ଣ ସବୁ କରିବାକୁ ଭଲଲାଗେ ସେକଥା ମଧ୍ୟ ଜାଣିବା ଦରକାର। କେତେକ ଅତ୍ୟଧିକ ଆଲୋକ କିମ୍ବା ଅଧିକ ଜନଗହଳି ପସନ୍ଦ କରନ୍ତି ନାହିଁ। ତେଣୁ ଘରେ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ। ଯଦି ପିଞ୍ଜରାରେ ରଖିଛନ୍ତି, ତେବେ ସେମାନଙ୍କୁ ଆରାମ ଲାଗିବା ଭଳି ସ୍ଥାନରେ ରଖିବାକୁ ହେବ। ଏସବୁ ଦୃଷ୍ଟିରୁ ବିଚାର କରି ଦେଖିଲେ ପୋଷା ଜୀବଟି କେଉଁ ସମୟରେ ଖାଇବ, କେତେବେଳେ ବାହାରକୁ ଯିବ, କେବେ ଶୋଇବ ସେନେଇ ଏକ ରୁଟିନ୍ କରିବାକୁ ହେବ।

## ଦେଖାଶୁଣା କରିବା

ପୋଷା ଜୀବ ରଖିଲେ ତା' ସହିତ ଖେଳିବା ପାଇଁ ପିଲାମାନେ ଖୁସି ହୁଅନ୍ତି। ହେଲେ ତା'ର ଦେଖାଶୁଣା କରିପାରିବେ କି ନାହିଁ ସେନେଇ ଚିନ୍ତା କରନ୍ତୁ। ଯଦି ନିଜେ ସବୁ କାମ କରିପାରିବେ ନାହିଁ, ଘରେ ଅନ୍ୟ କିଏ ଏସବୁ କାମ କରିପାରିବ ସେକଥା ନିଶ୍ଚିତ କରନ୍ତୁ। ଏହା ବ୍ୟତୀତ ପେଟ୍ ସହିତ ସମୟ ବିତାଇବା ପାଇଁ ଆପଣଙ୍କ ପାଖରେ କେତେ ସମୟ ମିଳିବ ସେକଥା ବିଚାର କରନ୍ତୁ। କାରଣ ପାଠପଢ଼ାକୁ ଅବହେଳା କରି କୌଣସି କାମ କରିହେବନି। ତେଣୁ ଏସବୁ ଦିଗରୁ ବିଚାର କରିସାରିବା ପରେ ହିଁ ଘରକୁ ପେଟ୍ ଆଣନ୍ତୁ।

## ସୁରକ୍ଷା

ପେଟ୍ ସହିତ କେବଳ ଖେଳିବାକୁ ହୁଏ, ଏକଥା ସମ୍ପୂର୍ଣ୍ଣ ଠିକ୍ ନୁହେଁ। କାରଣ ନିଜର ତଥା ପୋଷା ଜୀବର ସୁରକ୍ଷା କଥା ବି ଚିନ୍ତା କରିବା ଏଥିପାଇଁ ହାଇଜିନ୍ ମେଣ୍ଟେନ୍ କରିବାକୁ ହେବ। ତେଣୁ ପେଟ୍ ସହ ଖେଳିବା ଆଳରେ ସେମାନଙ୍କ ରହିବା ସ୍ଥାନ, ଖାଇବା ବାସନ, ଲୁଗାପଟା ଆଦିକୁ ଅପରିସ୍କାର ଆଦୌ ନ କରି ଏହାକୁ ସଫା ରଖିବାରେ ଅଭିଭାବକଙ୍କୁ ସାହାଯ୍ୟ କରିବା ଦରକାର।

## ଚିକିତ୍ସା

ପୋଷା ଜୀବଙ୍କୁ ଘରେ ରଖିଲେ ସେମାନଙ୍କୁ ଘରର ଏକ ସଦସ୍ୟ ଭଳି ମନେକରିବାକୁ ହେବ। ତେଣୁ ଠିକ୍ ସମୟରେ ସେମାନଙ୍କ ସବୁ ଦାୟିତ୍ୱ ନେବାକୁ ହେବ। ଏମିତିକି ନିୟମିତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ଓ ଇଞ୍ଜେକଶନ୍ ଦେବାକୁ ହେବ। ତେଣୁ କେଉଁ ଜୀବଙ୍କୁ କେଉଁ ସମୟରେ କିଭଳି ଟିକା ବା ଯତ୍ନ ନେବାକୁ ହେବ, ସେନେଇ ବୁଝିବା ଦରକାର। ଏସବୁ ନିମନ୍ତେ ଅଭିଭାବକଙ୍କ ସହିତ ପରାମର୍ଶ କରି ପ୍ରସ୍ତୁତ ହେବା ପରେ ଘରକୁ କୌଣସି ପୋଷା ଜୀବ ଆଣିବାକୁ କୁହନ୍ତୁ।

## ଏମାନେ କ'ଣ କରନ୍ତି

### ଘରେ ସମସ୍ତେ ଖୁସି



ବାପାଙ୍କ ସହିତ ଥରେ ବୁଲିବାକୁ ଯାଇଥିବାବେଳେ ଦୁଇଟି ରଙ୍ଗିନ୍ ଚଢ଼େଇ ଓ ଗୋଟିଏ ଶୁଆ କିଣି ଆଣିଥିଲି। ଦୁଇଟି ପିଞ୍ଜରା ଭିତରେ ଚଢ଼େଇ ଘରେ ରହୁଥିଲେ। ତାକୁ ଦେଖିବାକୁ ମତେ ବହୁତ ଭଲ ଲାଗେ। ସେଥିପାଇଁ ଖୁବ୍ ସମୟ ଶୁଆ ପାଖରେ ବସେ ଆଉ ବେଳେବେଳେ ଫଳ ଖାଇବାକୁ ଦିଏ। କିନ୍ତୁ ପିଞ୍ଜରା ଯୋଉଠି ରଖାହୁଏ ସେ ସ୍ଥାନକୁ ମାମା ସବୁବେଳେ ସଫା କରେ। ଚଢ଼େଇଙ୍କ ଖାଇବା ବାସନ ବି ମାମା ସଫା କରେ। ମତେ ସେସବୁ କରିଆସେନି। ଏଥିପାଇଁ ତା'ର କାମ ଅଧିକ ହୋଇଯାଇଛି। ହେଲେ ସେ ସବୁ କାମ କରିଦିଏ, କିଛି କହେନି। ଏବେ ଶୁଆ ଟିକେ ଟିକେ କଥା ବି କହୁଛି। ଆମ ସମସ୍ତଙ୍କୁ ଭଲ ଲାଗୁଛି। ଘରେ ସମସ୍ତେ ଖୁସି।

**– ରାଜ୍ ପ୍ରଧାନ**

କ୍ଲାସ-୧୦, ସରକାରୀ ହାଇସ୍କୁଲ, ୟୁନିଟ-୯, ଭୁବନେଶ୍ୱର

### ଅସୁବିଧା ହେଲା



ଥରେ ବାବାଙ୍କୁ ପଚାରି ମୋ ସାଙ୍ଗ ଘରୁ ଗୋଟିଏ କୁକୁର ଛୁଆ ଘରକୁ ଆଣିଥିଲି। ହେଲେ ତା' ପାଇଁ ଘରେ ବହୁତ କାମ କରିବାକୁ ହେଲା। ତା' ପାଇଁ ସବୁ ଥର ଖାଇବା ତିଆରି କରିବା, ଔଷଧ ଦେବା, ପାଉଡର ଲଗାଇବା ଏମିତି ବହୁତ କାମ କରିବାକୁ ହେଲା। ଆଉ ସବୁ କାମ ମାମା କରୁଥିଲା ବୋଲି ବହୁତ ଅସୁବିଧା ହେଲା। ମୁଁ ବି କୁକୁରର କିଛି କାମ କରି ପାରୁ ନ ଥିଲି। ଖାଲି ତା' ସହିତ କିଛି ସମୟ ଘରେ ଖେଳେ। କିନ୍ତୁ ମାମା ବାରମ୍ବାର କହିବା ପରେ କୁକୁରକୁ ବିକ୍ରି କରିଦେଲୁ। ମୋ ମନ ବହୁତ ଦୁଃଖ ହୋଇଥିଲା, କିନ୍ତୁ ନିଜକୁ ବୁଝେଇ ଦେଇଛି। ପାଠପଢ଼ା ସହିତ ଏସବୁ ଦାୟିତ୍ୱ ନେଇପାରିଲେ ହିଁ ଘରକୁ କୁକୁର ଆଣିବାକୁ କହିବି।

**– ଏସ୍ ସାଇକ୍ରୀଷ୍ଟା**

କ୍ଲାସ-୮, କେନ୍ଦ୍ରୀୟ ବିଦ୍ୟାଳୟ-୨, ସିଆରପିଏଫ୍ କ୍ୟାମ୍ପସ୍, ଭୁବନେଶ୍ୱର



୧





୨




୩



୪




୫




୬



୭



୮

୧



ସାଇ ସାନ୍ଭୀ ପାଲ୍
କ୍ଲାସ- ୨,
ଡିଏଭି ପବ୍ଲିକ
ସ୍କୁଲ, ୟୁନିଟ-୮,
ଭୁବନେଶ୍ୱର

୨



ଅଜିତେଶ ବିଶ୍ୱାଳ
କ୍ଲାସ- ୧, ସେଣ୍ଟ
ଜାଭିଅର୍ସ ସ୍ମାର୍ଟ ସ୍କୁଲ,
ଟାଙ୍ଗୀ, କଟକ

୩



ସମୀକ୍ଷା ମହାନ୍ତି
କ୍ଲାସ-୯,
ଓଡିଶା ଆଦର୍ଶ
ବିଦ୍ୟାଳୟ,
ଜଟଣୀ, ଖୋର୍ଦ୍ଧା

୪



ଆୟୁଷ ମିଶ୍ର
କ୍ଲାସ-୯,
ବିଜେଇଏମ୍ ସ୍କୁଲ,
ବିଜେବି ନଗର,
ଭୁବନେଶ୍ୱର

୫



ନୂପୁର ନାଏକ
କ୍ଲାସ- ୩,
ପ୍ରାଇମେରୀ ସ୍କୁଲ,
ହାତୀସରା,
ବଲାଙ୍ଗୀର

୬



ଦେବହୂତି
ବରଦାଲକ୍ଷ୍ମୀ ରାଉତ
କ୍ଲାସ-୨, ଦୀପ୍ତି
କନଭେଣ୍ଟ ସ୍କୁଲ,
ରାୟଗଡା

୭



ଦିବ୍ୟାଂଶୀ ମିଶ୍ର
କ୍ଲାସ- ୩,
ରାମଜାସ
ଇଣ୍ଟରନ୍ୟାସନାଲ
ସ୍କୁଲ, ନୂଆଦିଲ୍ଲୀ

୮



ଈଶାନୀ ସାଇ ଶର୍ମା
କ୍ଲାସ- ୬,
ନିୟୁ ଡିପଲ୍ ସ୍କୁଲ,
ଅମ୍ବାପୁଆ,
ବ୍ରହ୍ମପୁର



## କବିତା

### ବୋଉ

ବୋଉ ଡାକଦେଲେ ଅମୃତ ଝରଇ
ମମତା ଝରଣା ଝରେ,
ମହୁଠାରୁ ମିଠା ବୋଉର ଡାକରେ
ଏଇ ଆମ ବସୁଧାରେ।
ମମତା ବେଡ଼ିରେ ବାନ୍ଧିଦିଏ ସେହି
ତା ପଣତ କାନି ଢାଙ୍କି,
ମୁହଁ ଶୁଖାଇଲେ ତା'ଆଖି ଆଗରେ
ମୁହଁ ଯାଏ ତାର ଶୁଖି।
ସରଗରୁ ବଡ଼ ସାଗରରୁ ଗଭୀର
ତା' ସ୍ନେହ ଶରଧା ବାରି
ବସୁଧା ଭଳି ସେ ସହି ଯାଇଥାଏ
ସଭିଙ୍କି ଆଦର କରି।
ତା' ହାତ ପରଶା ତୁଚ୍ଛା ଭାତ ଥାଳି
ଅମୃତ ଠାରୁ ସୁଆଦ
ନିଜେ ନ ଖାଇଣ ସଭିଙ୍କୁ ଦିଏ ସେ
ଲଭିଣ ପରମାନନ୍ଦ।
ସନ୍ତାନ ପାଇଁ ସେ ଠାକୁର ପୂଜଇ
କେତି ମୁଣ୍ଡିଆ ମାରଇ
ଯେଉଁଠି ଥିଲେ ବି ଯାହା କଲାବେଳେ
ବୋଉକୁ ଭୁଲିବା ନାହିଁ।

**– ବୀର କିଶୋର ମହାନ୍ତି**
ଓଡ଼ଶମଳ, କୋଣାର୍କ, ପୁରୀ

### ଅଳସ ଛାଡ଼

କେତେ ଡାକିଲିଣି ଆଦି ଉଠିପଡ଼
ବଡ଼ି ସକାଳଟା ଦେଖିବୁ
ସିନ୍ଦୂରା ଫାଟିଲେ କେମିତି ଦିଶୁଛି
ଦେଖିଥିଲେ ସିନା ଆଙ୍କିବୁ।
ସାର୍ କହିଥିଲେ ଘରୁ ବୁଝି ଆସି
'କାକଳି'ର ମାନେ କହିବ ?
କିଚିରି ମିଚିରି କାଉ, ଚଢ଼େଇର
ଆଠଟାଯାଏ କି ରହିବ ?
ଫରଚା ଦିଶିବା ଆଗରୁ ଯାଇକି
ଦାଣ୍ଡରେ ଘଡ଼ିଏ ଧାଇଁଲେ
ମନ ଖୁସି ହେବ ବଳ ବି ବଢ଼ିବ
ସକାଳର ଖରା ଛୁଇଁଲେ।
ପ୍ରଭାତକୁ ଯଦି ଦେଖିବାକୁ ମନ
'ମୋତେ ଉଠାଅନି '– କହନା
ସଅଳ ଉଠିବା ଅଭ୍ୟାସ କରିନେ
ଜମା ଅଳସୁଆ ହଅନା।

**– ସଞ୍ଜୁ ଦାସ**
ଶୂନ୍ୟ ନୀଡ଼, ସୋର, ବାଲେଶ୍ୱର
ମୋ: ୯୧୨୪୨୧୧୧୦୫

### ଶୀତ କରେ ହିତ

ଗାଆଁ ସହର ସାହିକୁ ଆସେ
ଶୀତଟି ହସି ହସି,
କରଇ ଓଦା ମାଟିର ଛାତି
କାକର ଖସି ଖସି।
କୁହୁଡ଼ି ପଡ଼ି ଦିଶେନି ବାଟ
ବାଟୋଇ ପାଏ ଦୁଃଖ
ନିଆଁ ଉହ୍ଲେଇ ପାଖେ ବସିଲେ
ସଭିଙ୍କୁ ମିଳେ ସୁଖ।
ଫୁଲ ଫସଲ କରିବା ଆଶା
ଚାଷୀ ମନରେ ଥାଏ
ପାହାନ୍ତି ରାତି ହେଲେ ସେ ଉଠି
କ୍ଷେତକୁ ତା'ର ଯାଏ।
ଫୁଲ ଫୁଟାଏ ଗଛରେ ଶୀତ
ଛୁଟେ ଫୁଲର ବାସ
କଳାଭଅଁର ପରଜାପତି
କରନ୍ତି ନିତି ରାସ।
ଶୀତକୁ ଜମା ନ ଡରି ଅଜା
ଚାଲନ୍ତି ଖାଲି ପାଦେ
ଭାଙ୍ଗିଲେ ନିଦ କୁନି ଝିଅଟି
ଶୀତରେ ଥରି କାନ୍ଦେ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର-ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ସବୁଠୁ ବଡ଼ କଖାରୁ

ସମାନ କାମକୁ ଟିକିଏ ଭିନ୍ନ ଢଙ୍ଗରେ କରି ସ୍ୱତନ୍ତ୍ରତା ଦେଖାଇବାକୁ ଭଲପାଆନ୍ତି କେତେକ। ଏଇ ଯେମିତି ୟୁନାଇଟେଡ୍ କିଙ୍ଗଡମ୍‌ର ଦୁଇ ଭାଇ ଇଆନ୍ ଓ ଷ୍ଟୁଆର୍ଟ। ଉଭୟ ମିଳିତ ଭାବରେ ଏକ କଖାରୁ ଚାଷ କରିଛନ୍ତି, ଯାହାର ଓଜନ ୧୨୭୮.୮ କିଲୋଗ୍ରାମ୍। ଗୋଟିଏ କଖାରୁ ଏତେ ଅଧିକ ଓଜନ ହୋଇଥିବାରୁ ଏବେ ଏଥିପାଇଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି ଦୁଇଭାଇ। ୫୦ ବର୍ଷ ହେଲାଣି ଏମାନେ ଚାଷ କରି ଆସୁଛନ୍ତି। ତେବେ ସ୍ୱତନ୍ତ୍ର ଧରଣର କଖାରୁ ଚାଷ କରିବା ନିମନ୍ତେ ଏମାନେ ଢେର ଦିନ ହେଲାଣି ପରିଚୟ ସୃଷ୍ଟି କରିଛନ୍ତି। ଉଭୟ ଜାଆଁଳା ଭାଇ ଓ ସେମାନଙ୍କ ବୟସ ଏବେ ୬୪ ବର୍ଷ। ତେବେ ସେମାନେ ଚାଷ ଆରମ୍ଭ କରିବା ସମୟରୁ ସବୁଠୁ ଅଧିକ ଓଜନର କଖାରୁ ଚାଷ କରିବା ନିମନ୍ତେ ପ୍ରୟାସ କରି ଆସିଛନ୍ତି। ସେଥିପାଇଁ ଅନେକ ଥର ରେକର୍ଡ ଭାଙ୍ଗିବାର ପ୍ରୟାସ ବି କରିଛନ୍ତି। ଏବେ ସେମାନେ ଗ୍ରୀନ୍ ହାଉସ ଭିତରେ ଏହି କଖାରୁ ଚାଷ କରିଛନ୍ତି। ତେବେ ଅଧିକ ବଡ କଖାରୁ ଫଳାଇବା ନିମନ୍ତେ ସେମାନେ ବହୁ ଆଧୁନିକ ଟେକ୍ନୋଲୋଜିର ସାହାରା ନିଅନ୍ତି। ଏହାପୂର୍ବରୁ ସେମାନେ ୨୦୨୨ ମସିହାରେ ମଧ ସବୁଠୁ ବଡ କଖାରୁ ପାଇଁ ରେକର୍ଡ କରିଥିଲେ ଯାହାର ଓଜନ ଥିଲା ୧୨୦୫ କିଲୋଗ୍ରାମ୍। ଏହାପରେ ୨୦୨୩ ମସିହାରେ ୧୨୪୬.୯ କିଲୋଗ୍ରାମ୍‌ର ଏକ କଖାରୁ ଅମଳ କରି ନିଜ ରେକର୍ଡ ଭାଙ୍ଗିଥିଲେ। ଏବେ ପୁଣିଥରେ ସେମାନେ ୨୦୨୫ ଅକ୍ଟୋବର ୩୦ ତାରିଖରେ ନୂଆ ରେକର୍ଡ କରିଛନ୍ତି।

## ଏଥରର ?

- କେଉଁ ଖାଦ୍ୟ ଆଦୌ ଖରାପ ହୁଏ ନାହିଁ ?
- କ୍ଲୋନ୍ ହୋଇଥିବା ପ୍ରଥମ ଜୀବ କିଏ ?
- ଫାଦର ଅଫ୍ ରେଲେଟିଭିଟି କାହାକୁ କହନ୍ତି ?
- କେଉଁ ମାସକୁ ଜାତୀୟ ଆଇସ୍‌କ୍ରିମ୍ ମାସ କୁହାଯାଏ ?
- ପ୍ରଥମ ଆଇଫୋନ୍ କେଉଁ ମସିହାରେ ବାହାରିଥିଲା ?

## ଗତଥରର ଉତ୍ତର

- ଏଗଲେଟ୍
- ୦୦୭
- ପ୍ୟାରିସ୍‌ର ଲୌଭ୍ରି ମ୍ୟୁଜିୟମ୍
- ବେସ୍‌ବଲ୍
- ବାଇବେଲ୍

## କହିଲ ଦେଖି



ପୂଜା ହେଉଥାଏ ନୂଆ ଧାନରେ
ସେ ଧାନ ରଖିକି ନୂଆ ମାଣରେ
ଖଟୁଲି ଉପରେ ଦିଅନ୍ତି ଥୋଇ
ପୂଜନ୍ତି ତାକୁ ମାସଟେ ପାଇଁ
ସଜାନ୍ତି ପୁଣି ଧାନଛିଞ୍ଚାରେ
ପୂଜନ୍ତି ପ୍ରତି ଗୁରୁବାରରେ
ଏମିତି ଯେଉଁ ଓଷାଟି ସିଏ
ନାମଟି ତାହାର କହିବ କିଏ ?

ଉ– **ମାଣବସା**



ଗୋଲାକାର ଏକ ପିଠାଟି ସିଏ
ଚାଉଳ ଚୂନାରେ ତିଆରି ହୁଏ
ଛେନା ନଡ଼ିଆ ପୁରକୁ ଦେଇ
ତିଆରି କରନ୍ତି ହରଷ ହୋଇ
ଲାଗୁଥାଏ ତାହା ସୁଆଦ ଭାରି
କିଏ ସେ କହିବ ନାମ ତାହାରି ?

ଉ– **ମଣ୍ଡାପିଠା**



ଓଡ଼ିଶାର ମୁଖ୍ୟ ଚାଷଟି ସିଏ
ମଗୁଶୁର ମାସେ ଅମଳ ହୁଏ
ସ୍ୱର୍ଣ୍ଣିମ ରଙ୍ଗରେ ସୁନ୍ଦର ଦିଶେ
ଚାଷୀର ଖଳାରେ ମୁରୁକି ହସେ
କିଏସେ କହିବ ନାମଟି ତା'ର
ଦେଇଥାଏ ସିଏ ମୁଖ୍ୟ ଆହାର ?

ଉ– **ଧାନ**



ଘରର ଅଗଣା ମାଟିକାନ୍ଥରେ
ସଜା ହୋଇଥାଏ କେଡ଼େ ସୁନ୍ଦରେ
ମଗୁଶୁରରେ ସେ ମୁରୁକି ହସେ
ଧବଳ ରଙ୍ଗରେ ଝଟକି ଦିଶେ
ହେଉଥାଏ ଯେବେ ଲକ୍ଷ୍ମୀଙ୍କ ପୂଜା
ପଡ଼ିଥାଏ ଆଗ ତାହାରି ଖୋଜା
ଚାଉଳରେ ତାହା ତିଆରି ହୁଏ
ନାମଟି ତାହାର କହିବ କିଏ ?

ଉ– **ଝୋଟିଚିତା**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫

# ଆଖି ଖୋଲା ରଖି ଶୋଉଥିବା ଜୀବ



ଆମେ ସମସ୍ତେ ଜାଣିଛୁ ଯେ ମନୁଷ୍ୟଠାରୁ ଆରମ୍ଭ କରି ଜୀବଜନ୍ତୁ ପର୍ଯ୍ୟନ୍ତ ପ୍ରାୟ ଆଖି ବନ୍ଦ କରି ଶୋଇଥାନ୍ତି। ହେଲେ ଏମିତି କିଛି ପ୍ରାଣୀ ଅଛନ୍ତି ଯେଉଁମାନେ ଆଖି ଖୋଲା ରଖି ଶୋଇବାକୁ ପସନ୍ଦ କରନ୍ତି। ଏହି କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଭୟଙ୍କର ଜୀବ କୁମ୍ଭୀର ଆଖି ଖୋଲି ଶୁଅନ୍ତି। ଏମାନେ ପାଣି ନିକଟରେ ଆରାମ କରିଥାନ୍ତି। ଏମାନେ ଶୋଇବା ସମୟରେ ସମ୍ପୂର୍ଣ୍ଣ ରୂପେ ଆଖି ବନ୍ଦ କରି ନଥାନ୍ତି। ଏହି କାରଣରୁ ସମ୍ଭାବ୍ୟ ବିପଦ ସମୟରେ ସତର୍କ ରହିପାରନ୍ତି ଏବଂ ଶିକାରକୁ ମଧ୍ୟ ସହଜରେ ଧରି ପାରନ୍ତି। ସାପ ବି ଆଖି ଖୋଲା ରଖି ଶୋଉଥିବା ଜୀବ। ସାପ କ୍ଷେତ୍ରରେ କଥା ଟିକେ ଅଲଗା ହୋଇଥାଏ। ଦେଖିବାକୁ ଗଲେ ସାପ ଆଖି ଉପରେ ପଲକ ନ ଥାଏ। ତାଙ୍କ ପାଖରେ ଟ୍ରାନ୍ସପରେଣ୍ଟ ସ୍କେଲ ରହିଛି। ଯାହାକି ସାପ ଶୋଇବା ବେଳେ ସୁରକ୍ଷା ପାଇଁ ଆଖି ଉପରେ ଏକ ପରଦା ଭଳି ରହିଥାଏ। ଯାହାକୁ ଦେଖିଲେ ସାମ୍ନା ବାଲାଙ୍କୁ ସାପ ଆଖି ବନ୍ଦ ନ କରିବା ଭଳି ଲାଗିଥାଏ । ଡଲଫିନ୍ ବି ଆଖି ଖୋଲା ରଖି ଶୋଇଥାଏ। ପାଣିରେ ରହୁଥିବା ଏହି ଜୀବର ଶୋଇବାର ଢ଼ାଞ୍ଚା ଟିକେ ଅଲଗା ହୋଇଥାଏ। ଯାହାକୁ ସ୍ଲୋ ୱେଭ୍ ସ୍ଲିପ୍ କୁହାଯାଏ। ଡଲ୍‌ଫିନ୍ ଯେତେବେଳେ ଶୋଇଥାଏ ତାହାର ମସ୍ତିଷ୍କର ଏକ ଭାଗ ଆରାମ କରିଥାଏ, ଅନ୍ୟଟି ସକ୍ରିୟ ରହିଥାଏ। ଏମିତିରେ ଶୋଇବା ସମୟରେ ସେ ଆଖି ଖୋଲା ରଖିଥାଏ। ତାକୁ ପାଣି ମଧ୍ୟରେ ବହୁତ ଶିକାରୀ ପ୍ରାଣୀଙ୍କଠାରୁ ବିପଦ ରହିଥାଏ। ଏମିତିରେ ଏହି କୌଶଳକୁ ସେ ପାଳନ କରିଥାଏ।





## ହଳଦିଆ ହୋଇଥାଏ
# କେତେକ ପ୍ରାଣୀଙ୍କ ରକ୍ତ

ପିଲାମାନେ, ତୁମେ ତ ଜାଣିଥିବ ଅଧିକାଂଶ ପ୍ରାଣୀଙ୍କ ରକ୍ତ ସାଧାରଣତଃ ଲାଲ୍ ରଙ୍ଗର ହୋଇଥାଏ। କିନ୍ତୁ ସି କୁକୁମ୍ବର ଏପରି ଏକ ଜୀବ ଯାହାର ରକ୍ତ ହଳଦିଆ । ଏମାନଙ୍କ ଶରୀରରେ ଥିବା ଭାନାବିନ୍ ତତ୍ତ୍ୱ ପାଇଁ ଉକ୍ତ ପ୍ରାଣୀର ରକ୍ତର ରଙ୍ଗ ହଳଦିଆ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ସାମୁଦ୍ରିକ ପ୍ରାଣୀର ମଧ୍ୟ ଭିନ୍ନ ଭିନ୍ନ ପ୍ରଜାତି ଅଛନ୍ତି। କିନ୍ତୁ ପ୍ରଜାତି ଭିନ୍ନ ହେଲେ ମଧ୍ୟ ରକ୍ତର ରଙ୍ଗ ହଳଦିଆ ହିଁ ରହିଥାଏ। କେତେକ ପୋକଜୋକଙ୍କଠାରେ ହିମୋଗ୍ଲୋବିନ୍ ନ ଥାଏ। ଫଳରେ ସେମାନଙ୍କର ରକ୍ତର ରଙ୍ଗ ମଧ୍ୟ ହଳଦିଆ ହୋଇଥାଏ। ଉଦାହରଣସ୍ୱରୂପ ପ୍ରଜାପତି ତଥା ବିଭିନ୍ନ ପୋକ ଏବଂ ଅନ୍ୟ କିଛି ଛୋଟ ଜୀବଙ୍କ ରକ୍ତ ହିମୋଲିଫରୁ ସୃଷ୍ଟି। ହିମୋଲିଫ ହେଉଛି ଏକ ତରଳ ପଦାର୍ଥ, ଯାହା ରକ୍ତକୁ ହଳଦିଆ ରଙ୍ଗ କରିବାରେ ସାହାଯ୍ୟ କରିଥାଏ।

# କାହାକୁ କ'ଣ କୁହାଯାଏ (ଇଂଲିଶରେ)

| | |
|---|---|
| ଫୁଲ ରସ ଖାଉଥିବା ଜୀବଙ୍କୁ– | ନେକ୍‌ଟାରିଭରସ୍ |
| ପୋକ ଖାଉଥିବା ଜୀବଙ୍କୁ – | ଇନ୍‌ସେକ୍ଟିଭରସ୍ |
| ଫଳଖାଉଥିବା ଜୀବଙ୍କୁ – | ଫ୍ରୁଗିଭରସ୍ |
| ମଞ୍ଜି ଖାଉଥିବା ଜୀବଙ୍କୁ: | ଗ୍ରାନିଭରସ୍ |
| ଶାକାହାରୀ– | ହର୍‌ବିଭରସ୍ |
| ମାଂସାହାରୀ: | କାର୍ନିଭରସ୍ |

ମାଂସ ଏବଂ ଘାସ ଉଭୟ ଖାଉଥିବା ପ୍ରାଣୀଙ୍କୁ: ଓମ୍‌ନିଭରସ୍











# ଭାରତର କେତୋଟି ଚର୍ଚ୍ଚିତ ରାଜ୍ୟ ବିଷୟରେ ସୂଚନା...

ଶାକାହାରୀ ରାଜ୍ୟ– ରାଜସ୍ଥାନ
ସବୁଠାରୁ ଶିକ୍ଷିତ ରାଜ୍ୟ– କେରଳ
ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ –ଉତ୍ତରପ୍ରଦେଶ
ମାଂସାହାରୀ ରାଜ୍ୟ– ତେଲେଙ୍ଗାନା







# ଆ ଇ ନା




ଆର୍ଯ୍ୟ ଅଭିଷେକ ପ୍ରଧାନ
୯ ବର୍ଷ/ଅନୁଗୋଳ



ଅତ୍ରି ମିଶ୍ର
୬ବର୍ଷ/ ସମ୍ବଲପୁର